## ଅମ୍ବିକା ଓ ଅମ୍ବାଳିକାଙ୍କୁ ସତ୍ୟବତୀଙ୍କର ଉପଦେଶ

ୟେକାନ୍ତେ ବସାଇଲେ ପଦ୍ମନାଭର ବେନି କୁମାରୀ
ପରମ ଅର୍ଥ କହି ସତ୍ୟବତୀ ଯେ ତିୟାରି । ୧ ।
କଥାୟେ ପଚାରିବୁଂ ସତ୍ୟକର ତୁମ୍ଭେ ବେନି
ସତ୍ୟ କର ତୁମ୍ଭେ ଗୋ ସୋମବଂଶର ଠାକୁରାଣୀ । ୨ ।
ଶୁଣି ଅମ୍ବିକା ଅମ୍ବାଳିକା କରନ୍ତି ଦଇନି
କେମନ୍ତେ କରିବୁଂ ୟେହା ହୋଇବ ଧର୍ମହାନି । ୩ ।
ମାଗୋ ତୁମ୍ଭେ ଆମ୍ଭର ଠାକୁରାଣୀ ଆମ୍ଭେ ତୁମ୍ଭର ଦାସୀ
ସ୍ୱାମୀଙ୍କର ବଚନ କାହିଂ ସେବକ ଜନ ନାସ୍ତି ଯେ ପ୍ରକାଶି । ୪ ।
ମାଗୋ ଗତ ବୁଦ୍ଧି ମାନ ହରାଇଲୁ ସମସ୍ତେହେଂ
ରାଜ୍ୟଭ୍ରଷ୍ଟ ହୋଇଲା ଚିନ୍ତା ଲାଗିଲା ସନ୍ଦେହେ । ୫ ।
କେବଣ ବାଗେ ୟେବେ ଭସ୍ମ ଯେ ଅଙ୍କୁରି
ତୁମ୍ଭେ ଯେମନ୍ତେ ଆଗ୍ୟାଂ ଦେବ ପରମ ମାହେଶ୍ୱରୀ । ୬ ।
ସତ୍ୟବତୀ ପ୍ରତିବାଚ ତୁମ୍ଭେ ଦୁହେଂ ମୋହୋର ଦେହ ଛୁଅଂ
ପାପ ବୋଲଇଂ କି ପୁଣ୍ୟ ବୋଲଇଂ ତୁମ୍ଭେ ୟେକ ମନ ହୁଅ । ୭ ।
ଅମ୍ବିକା ବୋଇଲେ ତୁମ୍ଭେ ପରମ ମାହେଶ୍ୱରୀ
ୟେତେକାଳ ପରିଯନ୍ତେ ଆଗ୍ୟାଂରେ ବ୍ରତୁଂ ତୁମ୍ଭରି । ୮ ।
ୟେବେ ମରିବା ବେଳକୁ କିଂପା ବଞ୍ଚିବୁ ଗୁରୁବାକ୍ୟ
ବିଚାରି କହିବା ଯେଣେ ଆମ୍ଭଙ୍କୁ ହୋୟେ ଶକ୍ୟ । ୯ ।
ମାଗୋ ଭୀଷ୍ମଙ୍କ ରତହିଂ ଗଲି ତୁମ୍ଭନ୍ତ ତିଆରି
ଦାରା ହେଲେ ସଂଘରିଲା ଭୀଷ୍ମ ନିରାଧାରୀ । ୧୦ ।
----------

୫ ଲଜ୍ଜା ମାନନ୍ତ ଛାଡି ମୋତେ କହ ମାୟେ ।
ରାଜ୍ୟ ଭ୍ରଷ୍ଟ ହୋଇଲା ବହୁତ ସନ୍ଦେହେ । ।
୯ ୟେବେ ସରିଲା କଥା କିଂପାଇଂ ମୁଞ୍ଚାଇବା ଗୁରୁବାଣୀ
ବିଚାରି କହିବା ଆମ୍ଭଙ୍କୁ ସତ୍ୟବାକ୍ୟ ପୁଣି ।
୧୦ ।୨ ସେ ଦାରା ସଂଘରିଲେ ସତ୍ୟବ୍ରତ କରି । ।
୮ ।୨ ବ୍ରତୁଂ-ବର୍ତ୍ତୁଂ

ବ୍ୟାସ ଯେ ମୋହୋର ଅଟନ୍ତି ଜ୍ୟେଷ୍ଠ ପୁତ୍ର
ତାହାର ତୁଲେ ତୁମ୍ଭେ ହୋଇବ ପ୍ରିୟମତ । ୧୧ ।
ମାଗୋ ଅମୋହ ରେତ ତାହାର ଅକ୍ଷୟେ ଯେ ବୀର୍ଯ୍ୟ
ସଇନ୍ଦୁ ଉତପତ୍ତି ହୋଇବ ଗୋ ବେନି ଯେ ଆତ୍ମଜ । ୧୨ ।
ସତ୍ୟବତୀଙ୍କ ତହୁଂ ୟେସନେକ ବାକ୍ୟ ଶୁଣି
ମୂର୍ଚ୍ଛାଗତ ହୋଇଲେ ସେ ବେନି ଯେ ବହେଣୀ । ୧୩ ।
ବେନି ଭୁଜେ କୋଳ କରି ସେ ଧଇଲେ ଦୁହିନ୍ତି
ମୁଖେ ଚୁମ୍ବନ ଦେଇ ପ୍ରବୋଧନ୍ତି ମହାସତୀ । ୧୪ ।
ମାଗୋ ବହୁତ ଅନ୍ତର କଥା କହିଲ ନ ବିଚାରି
ଦେଢଶୁରର କେମନ୍ତେ ହୋଇବୁଂ ମନୋହାରୀ । ୧୫ ।
ନୀତିବନ୍ତ ହୋଇ ମାଗୋ ଅନୀତି କିଂପାଇଂ କହିଲ
ଜଳ ଅଗ୍ନି କି-। ଏକ ଯେ ଯୋଗ କରାଇଲ । ୧୬ ।
ମାଗୋ ଅଗ୍ନି ଯେ ଅଟନ୍ତି ହାଦେ ଦେବ ବ୍ରହ୍ମା
ଗଙ୍ଗା ଯେ ସେ ବାମଦେବଙ୍କର ବାମା । ୧୭ ।
ୟେନ୍ୟାୟୁଂ ବ୍ରହ୍ମା ଯେ ରୁଦ୍ରଙ୍କ ତହୁଂ ଅଟନ୍ତି ଜ୍ୟେଷ୍ଠ
ଗଙ୍ଗା ଅଗ୍ନି ତ କରାଇଲେ ୟେକ ଭେଟ । ୧୮ ।

ନ ଜାଣି ଜଳ ଅଗ୍ନି ଯେ ଧରନ୍ତି ୟେକ ହସ୍ତେ
ଜ୍ୟେଷ୍ଠ ଶଶୁର ଭ୍ରାଥ ବଧୂ ୟେକ ଯୋଗ ପାପ ଯୁଗତେ । ୧୯ ।
ସେ ପାପେ ଦୂଷିତ ହୁଅନ୍ତି ଯେବଣ ଜନ
ମହାପାପ ଦୋଷ ୟେହୁ ଚିତ୍ରଗୁପତେ ସେ କରନ୍ତି ଲେଖନ । ୨୦ ।
ୟେ କଥା ବିଚାର କିଂପା ନ କର ଗୋ ଶାଶୁ
ୟେତେ ନରକ ଦୋଷରେ ଦେଖୁଂ ଦେଖୁଂ କିଙ୍କେ ପଶୁ । ୨୧ ।
ସତ୍ୟବତୀ ବୋଇଲେ ଗୋ ଉପୁଜିଲେ ସନ୍ତତି
ସେ ପୁତ୍ରେ ସକଳ ଦୋଷ କରନ୍ତି ନା ଶାନ୍ତି । ୨୨ ।

------------

୧୧ ।୨ ତାହାର ତୁଲେ ଯେ ତୁମ୍ଭେ ହୋଇବ ସୁରତ । ।
୧୮ ।୨ ଜଳ ଜୁଇରେ ନ କରି ତେଣୁ ଭେଟ
ଜଳ ଜୁଇ ଦୁହିନ୍ତି କରିଲେ ୟେକ ଭେଟ । ।
୧୨ ।୨ ଅମୋହ-ଅମୋଘ, ଅବ୍ୟର୍ଥ ୧୩ ।୨ ବହେଣୀ-ଭଉଣୀ ୨୧ ।୨ କିଙ୍କେ-କି-।ଇଁ

ବ୍ୟାସର ଅଂଶେ ଉପୁଜିବ ଯେବଣ ପୁତ୍ର
ପାପ କଳଙ୍କ କିଛି ନ ଥିବ ଆମ୍ଭର ଯେ ଗୋତ୍ର । ୨୩ ।
ଉଠିଣ ମହାତ୍ମାଣୀ ଧଇଲେ ବେନି ହସ୍ତ
ମାଗୋ ନାସ୍ତି ନ କରିବଟି ମୋହୋର ଶପତ । ୨୪ ।
ଅମ୍ବିକା ଅମ୍ବାଳିକା ବୋଇଲେ ବସ ଗୋ ତୁମ୍ଭେ ପରମଗୁରୁ
ୟେକେ ତ ଅପୁତ୍ରିକ ହୋଇଲୁଂ କଟାଳ କେତେ କରୁ । ୨୫ ।
ସତ୍ୟବତୀ ବୋଇଲେ ମାଗୋ ଶୁଣ ପୂର୍ବର କଥା
ସନ୍ତାନ ଧର୍ମ କହଇ ଶୁଣ ଗୋ ବାରତା । ୨୬ ।
ନୀଳା କମଳା ବୋଲି ବେନି ଯେ ଭୟେଣୀ
ଦାସ ରାଜାଙ୍କର ସେ ଅଟନ୍ତି ପାଟରାଣୀ । ୨୭ ।
ମା ଗୋ ଦାସ ରାଜା ରାଜ୍ୟ କଲେ ଦଶ ସହସ୍ର ବର୍ଷ ପରିଯନ୍ତେ number longevity 1000 years
ସନ୍ତାନ ନୋହିଲା ସେ ଥିଲେ ସତ୍ୟବ୍ରତେ । ୨୮ । ସଂଖ୍ୟା
ମା ଗୋ ରାଜାର ବୀର୍ଯରେ ଯହୁଂ ନୋହିଲା ସନ୍ତତି
ପର ଦାରାୟେଣୀ ସେ ହୋଇଲେ ବେନି ଯୁବତୀ । ୨୯ ।
ଯାହାର ବୀର୍ଯ୍ୟେ ସେ ଉପୁଜଇ ପୁତ୍ର
ତାହାନ୍ତ ଘେନି ଶୃଙ୍ଗାର କରାଇଲେ ଗୁପତ । ୩୦ ।
ୟେମନ୍ତେ ହେଂ ସନ୍ତାନ ନ ପାଇଲେ ବେନି ଦେବୀ
କାଳେ ନ ମାନିଲେ ସେ ମାନିତି ଗୁରୁ ଗଉରୋବି । ୩୧ । incompatibility
ମଳାଶୁର ଜ୍ୟେଷ୍ଠାଶୁର ଭଗିନୀ ଜାମାତା
ୟେଣେହେଂ ରେତ ଯୋଗ କରାଇଲେ ଅପ୍ରମିତା । ୩୨ ।
ୟେମନ୍ତେଣ ରେତ ଯୋଗ କରାଇଲେ ଅନୀତି
ୟେକା ଦୁହିତାୟେ ମୁଂ ହୋଇଲି ଉତପତ୍ତି । ୩୩ ।
ମାତା ବୋଇଲେ ମୁଂ ଉପୁଜାଇଲି ଅସଦବାଟେ
ତୁ ସତ୍ୟବତୀ ଥାଅ ଗୋ ନାଉକା ଜଳ ଘାଟେ । ୩୪ ।
ଦାସ ରାଜାର ପୁତ୍ର ନାହିଂ ମୁହିଂ ୟେକଇ ଦୁହିତା
ଧର୍ମକୁ ଯେ ଆଗତ କରାଇଲେ ମୋହୋର ଯେ ପିତା । ୩୫ ।

---------

୨୯ ।୨ ପରେଣ ପ୍ରିୟଭାବ ହେଲେ ବେନି ଯେ ଯୁବତୀ ।
୩୨ ।୨ ରତି ଯୋଗ କରାଇଲେ ଅପ୍ରମିତା ।

ମୁଂ ଦ୍ୱାଦଶ ବରଷ ହୋଇଲି ଯେତେବେଳେ
ପିତା ଥାପିଲେ ମୋତେ ଯେ ଯମୁନା ନଦୀ କୂଳେ । ୩୬ । ସଂଖ୍ୟା
ପିତାୟେ ବୋଇଲେ ଗୋ ତୁ ନାବ ବାହୁଥିବୁ
ଦୁଇ କୁଳ ଲୋକଙ୍କୁ ତୁ ପାରି କରି ଦେଉଥିବୁ । ୩୭ ।

ଧନ କଉଡି କିଛି ନ ଘେନିମୁ ଯାଚିଲେ jajpuri
ସୁଖେଣ ପାରି କରି ଦେବୁ ନାବେଣ ବସିଲେ । ୩୮ ।
ପିତାର ଆଗ୍ୟାଂରେ ମୁଂ ରହିଲି ଯମୁନାର ତଟେ
ସୁଖେଣ ପାରି କରି ଦିଅଇ ମୁହିଂ ଜଳ ଘାଟେ । ୩୯ ।

ମାତାଙ୍କର ଅନୀତି ଅସଦ ପଣ ଦେଖି କରି illegitimate child
କେହି ପ୍ରଦାନ ନୋହିଲେ ମୋତେ, ପିତାହିଂ ବର ନ ବରି । ୪୦ ।
ୟେମନ୍ତେ ରାତ୍ର ଦିବସେ ନଉକାୟେ ମୋର ବସିଥାଇଂ
କଷଣ ନିମନ୍ତେ ଯେ ଆସଇ ତା ଦିଅଇ ପାରିଆଇ । ୪୧ ।
ୟେମନ୍ତେ ନାବ ମୁଂ ବାହିଲି ବେନି ସମ୍ବସ୍ର
ଦିନେକ ନାବରେ ଆସି ବସିଲେ ପାରେଶ୍ୱର ମୁନିବର । ୪୨ ।
ପାରେଶ୍ୱର ବୋଇଲେ ଆମ୍ଭେ ତପନିଷ୍ଠି
ଆନ କାହାକଇଂ ନ ବସାଅ ନାବ ଗୋଟି । ୪୩ ।
ମୁଂ ବୋଇଲି ୟେ ନାବେ ପଞ୍ଚାଶ ଜଣ ବସି

ୟେକା କେମନ୍ତେଣ ଭଡାୟେ ହୋଇବ ମହାରଷି । ୪୪ । ସଂଖ୍ୟା number
ପାରେଶ୍ୱର ବୋଇଲେ ଆମ୍ଭେ କିଛି ହିଂ ନୋହୁଂ ଗରୁ
ତପୋଧନ ଲୋକ ଆମ୍ଭେ ନାବେ ବସିବାକୁ ଡରୁ । ୪୫ ।
ୟେକା ୟେବେ ଆମ୍ଭନ୍ତ ନିଅ ତୁମ୍ଭେ ପାରିଆଇ
ନୋହିଲେ ନାବରୁ ଆମ୍ଭେ ଯାଉଛୁଂ ଉହ୍ଲାଇ । ୪୬ ।
------
୪୦ ମାତାର ଅଗତି ଅସଦ ପଣ ଆମ୍ଭର ଜାଣି
କେହି ପ୍ରଦାନ ମୋତେ ନୋହିଲେ ନୃପମଣି ।
୪୪ ।୨ ୟେକା କେମନ୍ତେ ଭାରା ହୋଇବ ମହାରଷି ।
୪୫ ।୨ ତପୋଧନ ବୋଇଲେ ଆମ୍ଭେ ବସିଲେ ଭୟ କରୁ ।
୪୬ ।୨ ନୋହିଲେ ସେ ଆମ୍ଭେ ପଡୁଅଛୁଂ ଡେଇଂ ।

ବସ ମହାରଷି ବୋଲି ଲୋକନ୍ତ ବାହାର କଲି
ପାରେଶ୍ୱରଙ୍କୁ ବସାଇଂ ମୁଂ ନାବନ୍ତ ବାହିଲି । ୪୭ ।
ନଦୀରେ ନାବ ବାହି ବେଗେ ଚଳିଗଲୁଂ
ମଧ୍ୟ ନଦୀରେ ଯାଇ ପ୍ରବେଶ ହୋଇଲୁଂ । ୪୮ ।
ସ୍ତନ ଜଘନ ଅତ୍ୟନ୍ତମାନ ପୃଥୁଳ ସୁନ୍ଦର କାୟା

ନାବରେ ଦେଖି ମହାତମା ମୋତେ କଲେ ମାୟା । ୪୯ । sage flirting
ନ ଚଳଇ ନାବ ମୁଂ ଯେ ବାହି ବାହି ଫୁଟି
ମଧ୍ୟ ନଦୀରେଣ ହାଦେ ବୁଲଇ ମୋର ନାବ ଗୋଟି । ୫୦ ।
ଘ୍ରମେଣ ତ୍ରିପଣ୍ଡ ହୋଇଲାନି ମୋର କାୟେ
ଦେହରୁ ପଣନ୍ତ ଗୋ ଉଡିଗଲା ବାୟେ । ୫୧ ।
ଋଷି ଆଗ ମଙ୍ଗେ ମୁହିଂ ଥାଇ ପଛ ମଙ୍ଗେ
ନୟନ ପୂରୋଇ ମୁନି ମୋର ଦେଖନ୍ତି ସ୍ତନ ଜଘେଂ । ୫୨ ।
କାମେଣ ବେଭଳ ସେ ହୋଇଲେ ତପଚାରୀ
ଆରମ୍ଭେ ବୋଲନ୍ତି ଆଲୋ ବେଗେଣ କରୁ କିନା ପାରି । ୫୩ ।
ଋଷିହେ ଦୁଇବରଷ ହେଲା ମୁଂ ବାହୁଅଛି ନାବ

କେଉଂଣିସି ଦିନେ ନାହିଂ ଯେସନେକ ଭାବ । ୫୪ । ସଂଖ୍ୟା age 14, minor girl raped
ତୁମ୍ଭର ମାୟା, ନୋହିଲେ ଗଙ୍ଗାକି ଆମ୍ଭକୁ ଲୋଭକଲା
ନଦୀରେ ତେଇଂପଡ ତୁମ୍ଭେ ମୋହୋର କିସ ଗଲା । ୫୫ ।
ପାରେଶ୍ୱରେ ବୋଇଲେ ତୁ ନାବ ବାହି ଯେ ନ ପାରୁ
ଆମ୍ଭନ୍ତ ଅପଛ୍ୟାତି ଦେଇ କାହିଂ ନଦୀରେ ପକାଇଂ ଲୋଡି ମାରୁ । ୫୬ ।
ଗଙ୍ଗା ଯେବେ କଷଣ କଲାଟି ମହାରଷି
ମୁହିଂ ଯେ ନଦୀ ଭିତରେ ପଡୁଅଛି ଝାସି । ୫୭ ।
ଭୋ ଜାହ୍ନବି ଗୋ କର ମୋତେ ଭୋଗ୍ୟ
ରାଜକୁମାରୀ ମୁଂ ଯେଥକୁ ନୋହିଲିଟି ଯୋଗ୍ୟ । ୫୮ ।

-------

୪୭ ।୧  ତାଙ୍କର ବୋଲେ ମୁଂ ଲୋକନ୍ତ ବାହାର କଲି ।
୫୭ ।୧  ଗଙ୍ଗା ଯେବେ ଲୋଭ କଲାଟି ମହାରଷି ।
୪୭ ।୨  ପାରେଶ୍ୱର-ପରାଶର
୫୧ ।୧  ଘୃମେଣ-ଝାଳରେ   ୫୩ ।୧   ବେଭଳ-ବିହ୍ୱଳ
୫୬ ।୨  ଅପଛ୍ୟାତି-ଅପଖ୍ୟାତି

ଯେତେ ବୋଲି ଜଳେ ପଡନ୍ତେଣ ଝାସି
କୋଳ କରି ମୋତେ ଧଇଲେ ପାରେଶ୍ୱର ମହରଷି । ୫୯ ।
କୋଳେ ଧରିଣ ମୁନି ଜାନୁରେ ବସାଇଲେ
ମଦନ ଆରତେ ମୁନି ମୁଖେ ଚୁମ୍ବ ଦେଲେ । ୬୦ ।
କାମ ଅସାଷ୍ଟମେ ମୁନି ରମଣ କଲେ ବାଞ୍ଛା
ବଦନ୍ତି ମହାରଷି ଆମ୍ଭର ତୋତେ ଇଛା । ୬୧ ।

ଆପଣେ ବଧୂଙ୍କ ଅଗ୍ରତେ କହନ୍ତି ସତ୍ୟବତୀ  Hindi ଆପଣେ here not 2nd person,
ଆମ୍ଭର ଚରିତମାନ ମାଗୋ ଶୁଣ ଯେସନେକ ରୀତି । ୬୨ ।
ପାରେଶ୍ୱର ବୋଇଲେ ମାୟା କଲୁ ତୁକୁ
ତୁ ଗୋ ସତ୍ୟବତୀ ଯେବେ ରମଣ ଦିଅ ମୁକୁ । ୬୩ ।
ମୁହିଂ ବୋଇଲି ମୁନି ହେ ଛାଡ ଛାଡ ମୁକୁ
ଲଜ୍ଜା କିଂ କେ ନ ପାଇଲ ମୋତେ ଶୃଙ୍ଗାର ମାଗିବାକୁ । ୬୪ ।

ମୁହିଂ ବାଳସ୍ତିରୀ ପୁଣ ଅବିଭାଇତ ଅରଜବତୀ  minor no menstruation, unmarried
ଆମିଷେ ବଢିଲୁ ଆମ୍ଭେ ଅଟୁ କଇବ୍ରତୀ । ୬୫ ।
ପରସ୍ତିରୀ ବ୍ରହ୍ମସ୍ତିରୀ ଆବର ଗୁରୁଙ୍କ ପତନୀ
ହରିଲେ କେବଣ ଦୋଷ କହ ଆହେ ମହାମୁନି । ୬୬ ।
ଅଗ୍ୟାନ ଲୋକମାନଙ୍କୁ ମୁନି ହେ ତୁମ୍ଭେ ଗ୍ୟାନଦାତା
ତୁମ୍ଭର ଅନୀତି ଆଚାର ଲୋଭ ଅପ୍ରମିତା । ୬୭ ।
ଅଗ୍ୟାନୀ ପ୍ରାଣୀଙ୍କିତ କିଛି ଦୋଷ ନାହିଂ
ପଣ୍ଡିତ ହୋଇ ପାପ କଲେ ତାଙ୍କୁ ମୁକତି ଅଛି କାହିଂ । ୬୮ ।

ଗଣ୍ଡୁଷ କର ବୋଲି ମୁନି ମନ୍ତ୍ରିଣ ଦେଲେ ଚଳୁ  sage sringar, inducing menstruation
ହୋଇବୁ ତୁ ରଜବତୀ ଭବରସ ତୋହୋର ଯେ ଗଳୁ । ୬୯ ।
କମଣ୍ଡଳୁ ଜଳ ଘେନି ମୁନି କରାଇଲେ ସ୍ନାହାନ
କସ୍ତୁରୀ ଗନ୍ଧ ଆମୋଦଇ ଯେକଇ ଯୋଜନ । ୭୦ ।
ଗନ୍ଧ ସମୀର ବହିଲା ଯେକ ଯୁଣ ପରିଯନ୍ତେ
ପାରେଶ୍ୱର ଯୋଜନଗନ୍ଧା ନାମ ଦେଲେଟି ଯେ ମୋତେ । ୭୧ ।

---------

୬୭ ।୨  ତୁମ୍ଭର ଅଣ ଆଚାର ଅତିହି ଅପ୍ରମିତା ।

୬୬।୬  ପତନୀ-ପତ୍ନୀ

ଯେବଣ ଜଳେ ତୁହି ରତୁ ସ୍ନାହନ କରୁଥିବୁ
କର୍ପୂର ଚନ୍ଦନ ଗନ୍ଧ ଘେନି ଯୋଜନେ ବହିବୁ । ୭୨ ।
ଆଲୋ ବ୍ରହ୍ମରଷି ଆମ୍ଭେ ତୋତେ କଲୁ ଶ୍ରଦ୍ଧା
ଆଜହୁଂ ନାମ ତୋର ହୋଉ ଯୋଜନ ଯେ ଗନ୍ଧା । ୭୩ ।
ସତ୍ୟବତୀ ବୋଇଲେ ତୁମ୍ଭେ ଶୁଣ ପାରେଶ୍ୱର
ଆକାଶେଣ ଉଦିତ ହାଦେ ଦେଖ କରତାର । ୭୪ ।

ଦିବସେ ଶୃଙ୍ଗାର କରନ୍ତେ ବଡ ଦୋଷ                cohabitation daylight
ଶିରଚ୍ଛେଦ ଦୋଷ ଶାପ ଦିଅଇଟି ଜନ୍ତୁନାଶ । ୭୫ ।
ପାରେଶ୍ୱର ବୋଇଲେ ନ ଦେଖୁ କରତାର

ଧୋତି ଅନ୍ତରୀକ୍ଷେ ରୁହାଇଲେ ନ ଦିଶିଲେ କରତାର । ୭୬ । clothes covered for secrecy
ଦିବସ ଶୃଙ୍ଗାରେ ଯେ ବନିତା ରହିଲା

ମେଷମାସ ଶୁକ୍ଳ ପକ୍ଷ ତିଥି ତୃତୀୟା ହୋଇଥିଲା । ୭୭ ।          horoscope
ଦିବସେ ଶୃଙ୍ଗାର କଲେ ଆୟୁଷ ହୋଇ କ୍ଷୟେ

ସନ୍ତାନ ଉତପତ୍ତି ହୋଇଲେ ଦୁଷ୍ଟ ହୋଅଇ ତନୟେ । ୭୮ । night cohabitation superstition
ଦୁହିତା ହୋଇଲେ ସେ ହୋଅଇ ମହାରୋଗୀ
ହତବୀର୍ଯ୍ୟ ହତ ଆଷ୍ୟ ହୋଇ ନାଶ ଯାଇ ବେଗି । ୭୯ ।
ଦିବସ ଶୃଙ୍ଗାର ମୁନି ହୋୟେ ୟେସନେକ ଅବସ୍ଥା
ତୁମ୍ଭେ ବ୍ରହ୍ମରଷି ତୁମ୍ଭ ତହୁଂ ନିକି ମୁହିଂ ଗ୍ୟାଂତା । ୮୦ ।
ଲୋକେ ପୂରି ଅଛନ୍ତି ଯେ ବେନି କୂଳାଣ୍ଟରେ
ରାଜକୁମାରୀ ହୋଇ କେସନେ ପଶିବି ଅବାଟରେ । ୮୧ ।
ତତକ୍ଷଣେ ମାୟା ଯେ କଲେକ ବ୍ରହ୍ମଚାରୀ
ବଇଶାଖ ମାସେ ଯେ ଆଛାଦିଲା କୁହୁଡି । ୮୨ ।
ରଷିଙ୍କର ମନ୍ତ୍ରବଳେ ନାବ ରହିଲା ମଧ୍ୟନଦୀ
ବେନି କୂଳାଣ୍ଟେ ନ ଲାଗଇ ରଷି ଅଟେ ମନ୍ତ୍ରବାଦୀ । ୮୩ ।

----------

୭୭।୧  ଦିବସେ ଶୃଙ୍ଗାର ଯେ ସହିଲା ବନିତା ।
୭୮।୨  ସନ୍ତାନ ଉତପତ୍ତି ହୋଇଲେ କୁଷ୍ଟବ୍ୟାଧି ହୋୟେ
୮୧।୧  କୂଳାଣ୍ଟରେ-କୂଳାନ୍ତରେ, କୂଳ ବାହାରେ

ମୁନି ହେ ଧର୍ମ ନାଉକାୟେ ଅଗାଦ ଜଳ ଭିତରେ
ପାପକୁ ଭୟେ କେମନ୍ତେ ନ କର ପାରେଶ୍ୱରେ । ୮୪ ।
କାମଦେବ ବୋଲି ଯେବଣ ମହାତମା
ମେଣ୍ଟି ନୁଆରି କୋପେ ଶାପ ଦେଲେ ବ୍ରହ୍ମା । ୮୫ ।
ଧର୍ମ ଛାଡି କନ୍ୟାକୁ କୋଳେ ଧଇଲେ ବ୍ରହ୍ମରଷି
ଯୋଜନଗନ୍ଧାର ତୁଲେ ଶୃଙ୍ଗାର ରସେ ପଶି । ୮୬ ।
ବିଶେଷେ ମହାତମା ରତି ଶାସ୍ତ୍ରେ ଜିତା
ଅନେକ ରସେ ଶୃଙ୍ଗାର ସହିଲା ବନିତା । ୮୭ ।
ମେଷମାସ ଶୁକଳ ପକ୍ଷ ତିଥି ଯେ ତୃତୀୟା

ସେ ଦିନ ରଷିଙ୍କର ଶୃଙ୍ଗାର ସତଶ୍ରିୟା । ୮୮ ।     horoscope
ତୈତିଳ କରଣ ଭୃଗୁବାର ଶୁଭଯୋଗ
ମେଷ ସଂକରାନ୍ତିର ଯେ ସାତ ଦିନ ଭୋଗ । ୮୯ ।
ନବମ ଘରେ ଚନ୍ଦ୍ର ବୃହସ୍ପତି ୟେକାଦଶେ

ବାମେ ଯୋଗିନୀ ଅମୃତବେଳା କାଳବଶେ । ୯୦ ।
ମାହେନ୍ଦ୍ର ଯୋଗେ ଉତପତ୍ତି ହୋଇଲାକ ବଲା
ଅତି ସୁନ୍ଦର ସେ କୃଷ୍ଣ ବର୍ଣ୍ଣ କଳା । ୯୧ ।
ସଇନ୍ଦୁ ନନ୍ଦନ ଯେ ହୋଇଲା ଉତପତ୍ତି
ଦେଖିଣ ପରମ ସାନନ୍ଦ ହୋଇଲେ ସତ୍ୟବତୀ । ୯୨ ।
ପୁତ୍ରକଇଂ କୋଳ କଲେ ପାରେଶ୍ୱର ମହାଋଷି
ମାହେନ୍ଦ୍ର ଯୋଗେଣ ହୋଇଲା ରୋହିଣୀ ବୃଷରାଶି । ୯୩ । birth of Vyas same day
ପୁତ୍ରକଇଂ କୋଳେ ଧଇଲେ ପାରେଶ୍ୱର
ବ୍ୟାଲ୍ଲୋଳ ରୂପ ଦେଖି ନାମ ଦେଲେ ବ୍ୟାସ ମୁନିବର । ୯୪ ।
ପୁତ୍ରକଇଂ କୋଳେ ଧରିଅଛନ୍ତି ମହାମୁନି
ରୋଦନ ସରୂପେ ପୁତ୍ର ଶବଦ କରଇ ବେଦଧୁନି । ୯୫ ।
ଦେଖିଣ ମହାତମାର ନ ଫୁରଇ କିଛି
ମହାବ୍ରହ୍ମ ଭେଦିଲା ସେ ଅଜପାଲୟେ ବଛି । ୯୬ ।
---------
୯୪ ବ୍ୟାଲୋଳ-ବିଶୃଙ୍ଖଳ, ବିଷମ, ଅଙ୍ଗପ୍ରତ୍ୟଙ୍ଗ ଅସମାନ ।
୯୬ ।୧ ବଛି-ବସ୍ତ୍ର

ମହାଗ୍ୟାନୀ ପୁତ୍ର ଦେଖି ଗଙ୍ଗା ଲୋଭ କଲା
ଭଡ ଭଡ କରି ଗଙ୍ଗା ନାବ ବୁଡାଇଲା । ୯୭ ।
ବୁଡନ୍ତେଣ ନାଉକା ଭାସିଲେ ବ୍ରହ୍ମପତି
ନଦୀ ଭିତରକୁ ପୁତ୍ର ପକାଇଲେ ଝାତି । ୯୮ ।
ଆଗୋ ଅଗାଦ ଜଳରେ ପଡିଲା ବାଳ ଶିଷି
ଅନାଦି ତୋୟା ସମ୍ଭାଳିଲେ ମୁନି ବେଦବ୍ୟାସି । ୯୯ ।
ଗଙ୍ଗାକୁ ଲାଗିଲା ମହାତେଜ ଜାଳା
ତ୍ରାସେଣ ଛାଡିଲା ସେ ଅନାଦି ଚଞ୍ଚଳା । ୧୦୦ ।
ଅଗାଦ ଗଭୀରେ ପଡିଲା ବାଳ ଶିଷି
ଅନନ୍ତ କୋଟି ବ୍ରହ୍ମାଣ୍ଡ ଭେଦି ପାତାଳ ବୈକୁଣ୍ଠେ ଯାଇ ବସି । ୧୦୧ ।
ମହାବ୍ରହ୍ମ ଭେଦିଲା ସେ ବାଳୁତ ତନୟେ
ଅଣାକାର ବିଷ୍ଣୁ ଦେଖିଲା ସେ ଅନନ୍ତ ଯୋଗଲୟେ । ୧୦୨ ।
ଦେଖିଣ କୋଳେ ଧଇଲେ ସ୍ୱାମୀ ଯେ ପୁରୁଷ ଅଣାକାର
ସାନନ୍ଦେଣ ଗୋପ୍ୟ କଲେ ସେ ଉଦର ଭିତର । ୧୦୩ ।
ଶୂନ୍ୟ ପୁରୁଷର ସେ ଦେଖିଲା ବର୍ଣ୍ଣଚିହ୍ନ
କୋଟି କୋଟି ଅବତାର ସେ ହୋଇଲେ ପ୍ରସନ୍ନ । ୧୦୪ ।
ସମସ୍ତ କୁତୋହଳେ ଦେଖିଲା ଅନାଦି
ଶୂନ୍ୟ ପୁରୁଷ ଗର୍ଭେ ପଶିଲା ମହାବ୍ରହ୍ମ ସାଧି । ୧୦୫ ।
ଶୂନ୍ୟକୁ ଶୂନ୍ୟ ସେ କଲାକ ଲେଖନ
ଅକାଳେ ଭିଆଇଲେ ଭୁତ ଭବିଷ୍ୟ ବର୍ତ୍ତମାନ । ୧୦୬ ।
ବାଞ୍ଛିଣ ବ୍ରହ୍ମା ଯେ କହିଲେ ଅନୁବ୍ରତେ
ଆଗ୍ୟାଂ ହୋଇଲା ୟେହା ତୁ ବିସ୍ତାର କର ଜଗତେ । ୧୦୭ ।
ଅଘଟଣ ଅକାରଣ ଅଲୟ ଭୁବନ
ୟେଥକୁ ଶୁଣନ୍ତା ନାହିଂ ତୋହୋ ଅର୍ଥମାନ । ୧୦୮ ।
---------
୧୦୮ ।୧ଅଲଂଘ୍ୟ ଅଣାକାର ଅଲୟ ଭୁବନେ
୧୦୮ ।୨ୟେଣେ ଶୁଣନ୍ତା ନାହିଂ ତୋହୋର ଅର୍ଥମାନେ ।।
୯୯ ।୨ ତୋୟା-ନଦୀ

ଶୁଣ ଗୋ ବଧୂମାନେ ବୋଲନ୍ତି ସତ୍ୟବତୀ
ଯେତେ ବାଗେ ହାଦେ ସନ୍ତତି ଉତପତ୍ତି । ୧୦୯ ।
ଆଗୋ ବାରତା ପାଇଣ ଅଇଲା ଦାସରାୟେ
ପାରେଶ୍ୱରଙ୍କୁ ଆଣିଣ ମୋତେ ପ୍ରଦାନ ଯେ କୟେ । ୧୧୦ ।
ଆମ୍ଭ ଆଦି ଜନ୍ମ ଗୋ ଅଟଇ କଇବ୍ରତୀ
ବ୍ୟାସ ବଞ୍ଚାଇଲା ହାଦେ ଅଜାତି ଅଗତି । ୧୧୧ ।
ମହାବ୍ରହ୍ମ ଘେନିଣ ସମସ୍ତ ୟେକତ୍ୱ କଲା
ସେ ବେଦବ୍ୟାସ ଅନେକ ପୁରୁଷ ଉଦ୍ଧରିଲା । ୧୧୨ ।
ମା ଗୋ ବ୍ୟାସଙ୍କର ବୀର୍ଯ୍ୟେ ଉପୁଜିବ ଯେବଣ ପୁତ୍ର
ବଳବନ୍ତ ଧାର୍ମିକ ହୋଇବ ବୀର୍ଯ୍ୟବନ୍ତ । ୧୧୩ ।
ତୁମ୍ଭେ ଆନ କିଛି ନ ଧର ଗୋ ମନେ
ପରମ ଗତି ଲଭ ଗୋ ବ୍ୟାସର ପରସନ୍ନେ । ୧୧୪ ।
ଅମ୍ବିକା ବୋଇଲେ ଗୋ ଶୁଣ ସତ୍ୟବତୀ
ସ୍ତିରୀ ଜନ୍ମ ପୋତୁ ପୋତୁ ଆମ୍ଭେ ଗୋ ଅଟୁ ମନ୍ଦ ଜାତି । ୧୧୫ ।
ସଦାୟେଣ ଅଶଉଚ ଅନୀତି ଅକ୍ରିୟା
ସମସ୍ତ ବିଧଂସିଲୁ ନାମ ସତଶ୍ରିୟା । ୧୧୬ ।
ମଦିରା ଖାଇ ଯେହ୍ନେ ହୁଅଇ ହେଠମାଥ ଅସମ୍ଭାଳି
ପୁରୁଷ ସୁନ୍ଦର ଦେଖିଲେ ଆମ୍ଭେ ହୋଉ ମତ୍ତଭୋଳୀ । ୧୧୭ ।
ତେଣୁ ଟି ପ୍ରମଦା ନାମ ଯେ ଅଟଇ ଆମ୍ଭର
ଅନୁବ୍ରତେ ଇଚ୍ଛା କରୁଂ ପୁରୁଷ ସୁନ୍ଦର । ୧୧୮ ।
ଆମ୍ଭେ ଅବା ବାଞ୍ଛା କଲୁ ଅନିର୍ଯାପି
ସେ କି- । ଲଘିଂବେ ବ୍ୟାସ ପଣ୍ଡିତ ମହାତପୀ । ୧୧୯ ।
ସତ୍ୟବତୀ ବୋଇଲେ ଗୋ ତୁମ୍ଭର ଇଚ୍ଛା କଲେ
ୟେହିକ୍ଷଣି ଅଣାଇବି ତୁମ୍ଭର ବୋଇଲେ । ୧୨୦ ।
-------
୧୧୩ ।୨ବଳବନ୍ତ ଧାର୍ମିକ ହୋଇବ ଭିଗ୍ୟବନ୍ତ ।
୧୧୬ ।୨ସମସ୍ତ ସ୍ତିରୀମାନେ ନୁହନ୍ତି ସତଶ୍ରିୟା ।
୧୧୯ ।୧ଆମ୍ଭେ ଅବା ଆନଙ୍କୁ ବାଛିଲୁ ଅଦ୍ୟାପି ।
୧୧୦ ।୨କୟେ - କଲେ     ୧୧୯ ।୧ ଅନିର୍ଯାପି-ଅତ୍ୟଧିକ ।

ବଦୟନ୍ତି ବଧୂମାନେ ୟେଥି ଯେତେ ପାତକ ହୋଇ
ସେ ପାତକରେ କାରେଣୀ କେ ହୋଇବ ଗୋସାଇଂ । ୧୨୧ ।
ସତ୍ୟବତୀ ବୋଇଲେ ମୁଂ ଯେ ଭେଟାଉଛି ତୁମ୍ଭଙ୍କୁ
ୟେ ପାପ ମାନ ଗୋ ଲାଗିବଇଂ ମୁକୁ । ୧୨୨ ।
ଯଦ୍ୟପି ବଧୂମାନେ ପଶନ୍ତି ଅନ୍ୟ ବାଟେ
ଗୁରୁ ପତ୍ନୀମାନେ ତାହା ରଖନ୍ତି ଆକଟେ । ୧୨୩ ।
ତୁମ୍ଭେ ଯେବେ ମା ଗୋ ଭିଆଇଲ ୟେମନ୍ତ
ତୁମ୍ଭର ବଚନେ ଆମ୍ଭେ କଲୁ ସନମତ । ୧୨୪-୯୬୫ ।
-----
୧୨୪ ମୁହିଂ ଯେବେ ଯତ୍ନେ ଭିଆଇଲି ୟେମନ୍ତ
ବଂଶରକ୍ଷା ନିମନ୍ତେ ତୁମ୍ଭେ ଗୋ କର ସନମତ ।।
*************